# ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

Email Id: Sambalpurm.hud@nic.in
Phone No. 0663-2411012

ପତ୍ର 6172 ତା 18.07.2023

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣ ଗୋଚରାର୍ଥେ ଜଣାଇ ଦିଆଯାଉଛି ଯେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଯାନବାହାନ ରହଣି ସ୍ଥାନର ଟେଣ୍ଡର ମାଧ୍ୟମରେ ନିଲାମ କରିବା ସକାଶେ ନିମ୍ନ କାର୍ଯ୍ୟସୂଚୀ ମତେ ଟେଣ୍ଡର କରାଯାଉଅଛି । ଏହି ନିଲାମ ୦୧.୦୮.୨୦୨୩ ରୁ ୩୧.୦୩.୨୦୨୪ ପାଇଁ ଉଦ୍ଦିଷ୍ଟ ଅଟେ ।

୧. ଟେଣ୍ଡର ନୋଟିସର ସବିଶେଷ ତଥ୍ୟ ୱେବ ସାଇଟରେ (www.smcsambalpur.nic.in) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ ସାଇଟ ମାଧ୍ୟମରୁ ଆବେଦନ ଫର୍ମ,ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

୨. **ଅବେଦନକାରୀ ଟେଣ୍ଡରଫର୍ମ ସହିତ ନିମ୍ନଲିଖିତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଟେଣ୍ଡର ସହିତ ସଂଳନ କରିବେ ।**

(କ) ସାରଣୀ ପ୍ରଦତ୍ତ ଟେଣ୍ଡର ଅମାନତ ରାଶି ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ (Commissioner, Sambalpur Municipal Corporation) ସମ୍ବଲପୁରଙ୍କ ନାମରେ ଡ୍ରାଫ୍ଟ ମାଧ୍ୟମରେ ପ୍ରଦାନ କରିବେ ।

(ଖ) ସାରଣୀରେ ପ୍ରଦତ୍ତ ଟେଣ୍ଡର ଫର୍ମ ବିକ୍ରୟ ମୂଲ୍ୟ ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ (Commissioner, Sambalpur Municipal Corporation) ସମ୍ବଲପୁରଙ୍କ ନାମରେ ଅନ୍ୟ ଏକ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ପ୍ରଦାନ କରିବେ ।

୩. **ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଟେଣ୍ଡର ପକ୍ରିୟା ସମ୍ପାଦନ କରାଯିବ ।**

**ଟେଣ୍ଡର ଫର୍ମ ୱେବ ସାଇଟ**

ତା ୧୮.୦୭.୨୦୨୩ ରିକ ଠାରୁ ତା ୨୫.୦୭.୨୦୨୩ ରିଖ ଅପରାହ୍ନ ଘ ୫ .୩୦ ମି ପର୍ଯ୍ୟନ୍ତ ଉପଲବ୍ଧ ଅଛି । ଟେଣ୍ଡର ଫର୍ମ / କୋରିୟର/ ସ୍ପୀଡ ପୋଷ୍ଟ ଯୋଗେ ଦାଖଲ ସମୟ ସୀମା – ୨୬.୦୭.୨୦୨୩ ଅପରାହ୍ନ ଘ ୩ .୩୦ ମି ପର୍ଯ୍ୟନ୍ତ ଗ୍ରହଣ କରାଯିବ ।

ଟେଣ୍ଡର ଫର୍ମ ଖୋଲାଯିବା ସମୟ – ୨୭ .୦୭ .202୩ ପୂର୍ବାହ୍ନ ୧୧.୩୦ମି

୪. ଇଚ୍ଛୁକ ନୀଲମଧାରୀ ଦ୍ୱାରା ନିମ୍ନ ଲିଖିତ କାଗଜାତ ଟେଣ୍ଡର ଫର୍ମ ସହିତ ଜଉମୁଦ ଲଫାପା ଡାକ ଯୋଗେ, ସ୍ପୀଡ ପୋଷ୍ଟ, କୋରିୟର ଜରିଆରେ ଆସିଥିବା ଟେଣ୍ଡର ଗୁଡିକ ତା. ୨୦.୦୭.୨୦୨୩ ଅପରାହ୍ନ ଘ ୩ .୩୦ ମି ମଧ୍ୟରେ ଗ୍ରହଣ କରାଯିବ । ପ୍ରକାଶ ଥାଉକି ନିର୍ଦ୍ଧାରିତ ସମୟ ଅତିବାହିତ ପରେ କୌଣସି ଫର୍ମ ଗ୍ରହଣ କରାଯିବ ନହିଁ । କୌଣସି ଡାକ ଜନିତ ବିଳମ୍ବ ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷ ଦାୟୀ ରହିବେ ନହିଁ ।

୫. **ଇଛୁକ ବ୍ୟକ୍ତି ନିମ୍ନଲିଖିତ କାଗଜାତ ଟେଣ୍ଡର ଫର୍ମ ସହିତ ଦାଖଲ କରିବେ ।**

(କ) ପ୍ୟାନକାର୍ଡର ନକଲ
(ଖ) ଜିଏସଟି ନମ୍ବର ନକଲ
(ଗ) ଆଧାର କାର୍ଡର ନକଲ
(ଘ) ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ (Original)
(ଠ) ଟେଣ୍ଡର ଫର୍ମ ମୂଲ୍ୟର ବ୍ୟାଙ୍କ ଡ୍ରାଫ୍ଟ (Original)
(ଚ) ପାସପୋର୍ଟ ଫୋଟୋ (Self-Attested)

**ନିମ୍ନଲ୍ଲ ସର୍ତବଳୀ ଅନୁଯାୟୀ ଚୂଡାନ୍ତ କରାଯିବ ।**

୧ ଯେଉଁ ବ୍ୟକ୍ତିଙ୍କ ନାମରେ ମହାନଗର ନିଗମର କୌଣସି ଦେୟ ବକେୟା ଥାଏ, ତେବେ ସେମାନେ ଏହି ନିଲାମରେ ଅଂଶ ଗ୍ରହଣ କରି ପାରିବେ ନାହିଁ । ଯଦି କୌଣସି ବକେୟା ଥାଏ ଅଂଶ ଗ୍ରହଣ କରନ୍ତି, ତାହେଲେ ତାଙ୍କର ଟେଣ୍ଡର ଫର୍ମକୁ ରଦ୍ଦ ବିବେଚନା କରାଯିବ ।

୨ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ ତାଙ୍କ ସପକ୍ଷରେ କୌଣସି ଫୌଜଧାରୀ ମାମଲା ବିଚାରଧିନ ନାହି କିମ୍ବା ସେ କୌଣସି ମାମଲାରେ ସଂଶ୍ଳିଷ୍ଟ ଥାଇ କାରାବରଣ କରିନଥିବା ସମ୍ବନ୍ଧରେ ଏକ ସତ୍ୟପାଠ ଦାଖଲ କରିବେ

୩ ଯାହାଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେ ସଙ୍ଗେ ସଙ୍ଗେ ଟେଣ୍ଡର ଟଙ୍କା ଦାଖଲ କରି ରସିଦ ହାସଲ କରିବେ ।ତାହା ନ ହେଲେ ତାଙ୍କର ଦାଖଲ ହୋଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ଉକ୍ତ ଟେଣ୍ଡର ରେ ଭାଗ ନେଇଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଟେଣ୍ଡର ଦିଆଯିବ ।

୪ ଯଦି ସର୍ବୋଚ ଟେଣ୍ଡର ସନ୍ତୋଷଜନକ ନ ହୁଏ, ତାହେଲେ କର୍ତ୍ତୃପକ୍ଷ ଇଛା କଲେ ଟେଣ୍ଡର ଚୂଡାନ୍ତ ନକରି ସାନି ଟେଣ୍ଡର କରିପାରିବେ ।

୫ ଟେଣ୍ଡର ଗ୍ରହିତା ପାର୍କିଂ ଫୀ (ମହାସୁଲ) ନିମ୍ନ ମତେ ଆଦାୟ କରିବେ ।

(କ) ଚାରି ଚକିଆ ଯାନ ପ୍ରତି ଦୈନିକ ଟ. ୫୦.୦୦ ଙ୍କା

(ଖ) ତିନି ଚକିଆ ଯାନ ପ୍ରତି ଦୈନିକ ଟ. ୫୦.୦୦ ଙ୍କା

(ଗ) ଦୁଇ ଚକିଆ ଯାନ ପ୍ରତି ଦୈନିକ ଟ. ୨୦.୦୦ ଙ୍କା

(ଘ) ସାଇକେଲ ପ୍ରତି ଦୈନିକ ଟ. ୫.୦୦ ଙ୍କା

୬. ପାର୍କିଂ ସ୍ଥାନ ସକାଳ ଘ ୮.୦୦ ଟିକା ଠାରୁ ଘା ୧୧.୦୦ ଟିକା ପର୍ଯ୍ୟନ୍ତ ଖୋଲା ରଖିବେ ।

୭. ପାର୍କିଂ ସ୍ଥାନ ମହାସୁଲ ଆଦାୟକାରୀ ମାନେ ନିର୍ଦ୍ଦିଷ୍ଟ ସମପୋଷାକ (ୟୁନିଫୋର୍ମ) ପରିଧାନ କରିବା ସହିତ ନିଜର ପରିଚୟ ପତ୍ର ବ୍ୟାଚ ଝୁଲାଇବେ ।

୮. ପାର୍କିଂ ସ୍ଥାନ ଟେଣ୍ଡର ଗ୍ରହୀତା ଅନ୍ୟ କୌଣସି ଉଦେସ୍ୱରେ ବ୍ୟବହାର କରିପାରିବେ ନାହି ।

୯. ଟେଣ୍ଡର ଗ୍ରହୀତା ପାର୍କିଂ ସ୍ଥାନରେ ରହୁଥିବା ଯାନବାହାନ ନିରାପତା ନିମନ୍ତେ ଜଗୁଆଳି ବ୍ୟବସ୍ଥା କରିବେ ।

୧୦. ଧାର୍ଯ୍ୟ ଅମାନତ ଅର୍ଥ ଆୟୁକ୍ତ ସମ୍ବଲପୁର ମହାନଗର ନିଗମଙ୍କ ସପକ୍ଷରେ କରାଯାଇଥିବା ବ୍ୟାଙ୍କ ଡ୍ରାଫ୍ଟ ଆବେଦନକାରୀ ନିଜ ନାମରେ ବ୍ୟାଙ୍କରୁ କ୍ରୟ କରିବେ ।

୧୧. ଯାହାଙ୍କ୍ ନାମରେ ଟେଣ୍ଡର ସିଦ୍ଧ କରାଯିବ, ସେ ଆୟୁକ୍ତ ସମ୍ବଲପୁର ମହାନଗର ନିଗମଙ୍କ ସହିତ ଆବଶ୍ୟକୀୟ ଚୁକ୍ତିନାମା ଟେଣ୍ଡର ଚୁଡାନ୍ତ ହେବାର ସାତ ଦିନ ମଧରେ କରିବେ ।

୧୨. ଟ.୧୦,୦୦,୦୦୦/- (ଦଶ ଲକ୍ଷ ଟଙ୍କା) ରୁ କମ ମାହାଲ ପାଇଁ କୃତକାର୍ଯ୍ୟ ଟେଣ୍ଡରଧାରୀ ସମୁଦାୟ ସମ୍ପତିର ରାଶି ଏକ କାଳୀନ ତୁରନ୍ତ ଜମା ଦେବେ । ସମସ୍ତ ମାହାଲ ପାଇଁ ନିଜ ଖର୍ଚରେ ମହାନଗର ନିଗମ ସହିତ ଚୁକ୍ତିନାମା ୭ (ସାତ) ଦିନ ମଧ୍ୟରେ ସମ୍ପାଦନ କରିବେ । ଏଥିରେ ଖିଲାପ କାଲେ ଅମାନତ ଟଙ୍କା ବ୍ୟାଯାପ୍ତ କରାଯିବ ।

୧୩. ଟ.୧୦,୦୦,୦୦୦/- (ଦଶ ଲକ୍ଷ ଟଙ୍କା) ରୁ ଉର୍ଦ୍ଧ ମାହାଲ ପାଇଁ କୃତକାର୍ଯ୍ୟ ଟେଣ୍ଡରଧାରୀ ସମୁଦାୟ ସମ୍ପତିର ଶତକଡା ୭୫% ଜମା ଦେବେ । ସମସ୍ତ ମାହାଲ ପାଇଁ ନିଜ ଖର୍ଚରେ ମହାନଗର ନିଗମ ସହିତ ଚୁକ୍ତିନାମା ୭ (ସାତ) ଦିନ ମଧରେ ସମ୍ପାଦନ କରିବେ । ଏଥିରେ ଖିଲାପ କାଲେ ଅମାନତ ଟଙ୍କା ବ୍ୟାଯାପ୍ତ କରାଯିବ ।

୧୪. ଯେଉଁ ବ୍ୟକ୍ତି ମାନଙ୍କର ଟେଣ୍ଡର ଗ୍ରହିତ ନହେଲେ ସେମାନଙ୍କୁ ବୀନା ସୁଧରେ ତାଙ୍କ ଅମାନତ ଟଙ୍କା ଫେରସ୍ତ ଦିଆଯିବ ।

୧୫. ମହାନଗର ନିଗମ କତ୍ତ୍ରୁପକ୍ଷ କୌଣସି ଟେଣ୍ଡର / ସମସ୍ତ ଟେଣ୍ଡରକୁ ଉପଯୁକ୍ତ ମନେ ନକଲେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରି ପାରିବେ ।

## ଯାନବାହାନ ରହଣି ସ୍ଥାନର ନିଲାମ ନୋଟିସ

| କ୍ର.ନ ମ୍ବର | ସମ୍ପତିର ବିବରଣୀ (Sambalpur) | ନିର୍ଦ୍ଧାରିତ ମୂଲ୍ୟ ୦୧.୦୮ .୨୦୨୩ ରୁ ୩୧.୦୩.୨୦୨୪ | ଅମାନତ ଟଙ୍କା | ଟେଣ୍ଡର ଫର୍ମର ମୂଲ୍ୟ |
|---|---|---|---|---|
| ୧ | ଭୀମସାର କେନ୍ଦ୍ର ନିକଟ ଟେକସି ଷ୍ଟାଣ୍ଡ ନେତାଜୀ ଛକ | ୧୦୬୬୬୭ /- | ୩୨୦୦/- | ୫୦୦୦/- |

**ଆୟୁକ୍ତଙ୍କ ଆଦେଶକ୍ରମେ**

ସହାୟକ ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

ଜ୍ଞାପକ ସଂଖ୍ୟା 6173 ତା 18.07.2023

ଏହାର ଏକକିତା ନକଲ ମହାନଗର ନିଗମ କାର୍ଯ୍ୟାଳୟ ଅଫିସ ନୋଟିସ ବୋର୍ଡ /ଜିଲ୍ଲା ପରିଷଦ କାର୍ଯ୍ୟାଳୟ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ସମ୍ବଲପୁର / ଉପଖଣ୍ଡ ଅଧିକାରୀ ଓ ତହସିଲଦାର, ସମ୍ବଲପୁର ଅଫିସ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପଠାଗଲା।

ସହାୟକ ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

Memo No. 6174 /TAX/SMC. Date 18.07.2023

Copy to the MIS, SMC, Sambalpur for information with request to enter in the website for publication of General Public.

Asst.Commissioner
Sambalpur Municipal Corporation

# ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

Email Id: Sambalpurm.hud@nic.in
Phone No. 0663-2411012


| | | |
|---|---|---|
| ୧. | ଟେଣ୍ଡରଧାରୀଙ୍କ ନାମ<br>ପାସପୋର୍ଟ ସାଇଜ ଫଟୋ (ଗେଜେଟେଡ଼ ଅଫିସରଙ୍କ ସ୍ୱାକ୍ଷର ସହିତ) | :- |
| ୨. | ପିତା / ସ୍ୱାମୀଙ୍କ ନାମ | :- |
| ୩. | ଠିକଣା | :- |
| ୪. | କେଉଁ ସମ୍ପତି ପାଇଁ ଟେଣ୍ଡର ଦାଖଲ କରୁଛନ୍ତି | :- |
| ୫. | ସମ୍ପତିର ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ (ଅପସେଟ ପ୍ରାଇସ) | :- |
| ୬. | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ (ସଂଖ୍ୟା ଓ ଅକ୍ଷରରେ) | :- |
| ୭. | ଅମାନତ ଜମା ଟଙ୍କାର ପରିମାଣ (ରସିଦ, ସଂଖ୍ୟା, ତାରିଖ) | :- |
| ୮. | ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର,ଭୋଟର ପରିଚୟ ପତ୍ର କିମ୍ବା ଆଧାର କାର୍ଡର ନକଲ | :- |
| ୯. | ଟେଣ୍ଡରଦାତାଙ୍କ ମୋବାଇଲ ନମ୍ବର | :- |

ଏତଦ୍ଦ୍ୱାରା ମୁଁ / ଆମ୍ଭେ ଘୋଷଣା କରୁଛୁ ଯେ ସମ୍ବଲପୁର ମହାନଗର ନିଗମଙ୍କ ଟେଣ୍ଡର ସର୍ତ୍ତ ଓ ନିୟମାବଳୀ ଅନୁସାରେ ଆମ୍ଭେ ସମ୍ମତି ପ୍ରଦାନ କଲୁ ।

ଟେଣ୍ଡର ଦାତାଙ୍କ ସ୍ୱାକ୍ଷର

ତାରିଖ